# NATIONAL NEWS BULLETIN (ODIA)

**21 October - 2024**

**Morning Bulletin : 7.15 a.m.**

********************************

## ମୁଖ୍ୟ ସମ୍ବାଦ

- ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ଲାଗି ଆସନ୍ତାକାଲିଠାରୁ ରୁଷ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।
- ଜାମ୍ମୁ କାଶ୍ମୀରରେ ନବନିର୍ବାଚିତ ବିଧାନସଭା ସଦସ୍ୟ ଆଜି ନେବେ ଶପଥ ।
- ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ଇଣ୍ଡି ମେଣ୍ଟର ଆସନ ବୁଝାମଣା ନେଇ ଆର୍‌ଜେଡି ଓ ସିପିଆଇଏମଏଲ୍‌ର ଅସନ୍ତୋଷ ।
- ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଏହାର ନିକଟବର୍ତ୍ତୀ ଉତ୍ତର ଆଣ୍ଡାମାନ ସମୁଦ୍ର ଉପକୂଳରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଲଘୁଚାପ କ୍ଷେତ୍ର ସୃଷ୍ଟି ସମ୍ଭାବନା

ଏବଂ

- ଆଇସିସି ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଟାଇଟଲ ହାସଲ କଲା ନ୍ୟୁଜିଲ୍ୟାଣ୍ଡ ।

## ପ୍ରଧାନମନ୍ତ୍ରୀ-ବ୍ରିକ୍ସ ସମ୍ମିଳନୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ଲାଗି ଆସନ୍ତାକାଲିଠାରୁ ଦୁଇ ଦିନ ଲାଗି ରୁଷ ଗସ୍ତ କରିବେ । କାଜାନ୍ ଠାରେ

ବ୍ରାଜିଲ୍, ରୁଷ, ଭାରତ, ଚୀନ୍ ଓ ଦକ୍ଷିଣ ଆଫ୍ରିକାକୁ ନେଇ ଷୋଡ଼ଶତମ ବ୍ରିକ୍ସ ସମ୍ମିଳନୀ ଅନୁଷ୍ଠିତ ହେବ । ସମ୍ମିଳନୀର ଚଳିତଥରର ବିଷୟବସ୍ତୁ ରହିଛି – "ବିଶ୍ୱ ବିକାଶ ଓ ନିରାପତ୍ତା ଲାଗି ବହୁପକ୍ଷୀୟବାଦର ସଶକ୍ତିକରଣ" । ବ୍ରିକ୍ସ ନେତୃବୃନ୍ଦଙ୍କୁ ବିଭିନ୍ନ ବୈଶ୍ୱିକ ସମସ୍ୟାର ସମାଧାନ ଲାଗି ସୁଚିନ୍ତିତ ମତ ବିନିମୟ କରିବା ଦିଗରେ ଏହି ସମ୍ମିଳନୀ ସହାୟକ ହେବ । ସେହିଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଆପୋଷ ସହାୟତା ସହିତ ପୂର୍ବରୁ ବ୍ରିକ୍ସ ପକ୍ଷରୁ ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତି ଗୁଡ଼ିକର କାର୍ଯ୍ୟକାରିତାର ଅଗ୍ରଗତି ସମ୍ପର୍କରେ ମଧ୍ୟ ଏହି ବୈଠକରେ ସମୀକ୍ଷା କରାଯିବାର ସମ୍ଭାବନା ରହିଛି ।

ବୈଦେଶିକ ମନ୍ତ୍ରଣାଳୟ କହିଛି, ରୁଷ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନଙ୍କ ନିମନ୍ତ୍ରଣକ୍ରମେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ରୁଷ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଥିବା ଏହି ବୈଠକରେ ଯୋଗଦେବାକୁ ରୁଷ ଗସ୍ତରେ ଯିବେ । ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ବ୍ରିକ୍ସର ସଦସ୍ୟ ରାଷ୍ଟ୍ର ଏବଂ ଅନ୍ୟ ଆମନ୍ତ୍ରିତ ବ୍ୟକ୍ତିଙ୍କ ସହିତ ଦ୍ୱିପାକ୍ଷିକ ବୈଠକରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଦକ୍ଷିଣ ଆଫ୍ରିକାରେ ଗତବର୍ଷ ଅନୁଷ୍ଠିତ ଶିଖର ସମ୍ମିଳନୀରେ ଇଜିପ୍ଟ, ଇରାନ, ଇଥିଓପିଆ ଏବଂ ୟୁ.ଏ.ଇ.ର ସଦସ୍ୟତା ପରେ ବ୍ରିକ୍ସର ଏହା ପ୍ରଥମ ବୈଠକ ହେବ । ଏହି ନୂତନ ରାଷ୍ଟ୍ରଗୁଡ଼ିକୁ ମିଶାଇ ବ୍ରିକ୍ସର ସଦସ୍ୟ ସଂଖ୍ୟା ୯ରେ ପହଞ୍ଚିଛି । ବ୍ରିକ୍ସର ମୁଖ୍ୟ ବୈଠକ ବ୍ୟତୀତ ସେଠାରେ ବ୍ରିକ୍ସ ପ୍ଲସ୍ ବୈଠକର ଆୟୋଜନ ହୋଇଛି । ଏଥିରେ ବିଷୟବସ୍ତୁ ରହିଛି **ବ୍ରିକ୍ସ ଏବଂ ଦକ୍ଷିଣ ବିଶ୍ୱ : ମିଳିତ ଭାବେ ଭବିଷ୍ୟତ ବିଶ୍ୱ ଗଠନ** । ଏଥିରେ ଏସିଆ, ଆଫ୍ରିକା ଏବଂ ମଧ୍ୟପ୍ରାଚ୍ୟ ଓ ଲାଟିନ୍ ଆମେରିକାର ପ୍ରତିନିଧିମାନେ ଅଂଶଗ୍ରହଣ କରି ମତ ବିନିମୟ କରିବେ ।

# ଜେକେ- ଏମଏଲ୍ଏ ଓଥ୍

ଜାମ୍ମୁ କାଶ୍ମୀରରେ ନବନିର୍ବାଚିତ ବିଧାନସଭା ସଦସ୍ୟମାନେ ଆଜି ଶ୍ରୀନଗରଠାରେ ଶପଥ ଗ୍ରହଣ କରିବେ । ଅସ୍ଥାୟୀ ବାଚସ୍ପତି ମୋବାରଖ ଗୁଲ୍ ସେମାନଙ୍କୁ ଶପଥପାଠ କରାଇବେ । ନିର୍ବାଚିତ ସଦସ୍ୟଙ୍କ ମଧ୍ୟରେ ୫୧ ଜଣ ପ୍ରଥମଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । ଅପରାହ୍ନ ୨ଟାରେ ଶପଥଗ୍ରହଣ ସମାରୋହ ଅନୁଷ୍ଠିତ ହେବ । ନିର୍ବାଚିତ ସଦସ୍ୟଙ୍କ ମଧ୍ୟରେ ବିଜେପିର ୨୯ ବର୍ଷ ବୟସ୍କ ସଗୁନ୍ ପରିହାର ସର୍ବକନିଷ୍ଠ ଏବଂ ନ୍ୟାଶନାଲ୍ କନ୍‌ଫରେନ୍ସର ବରିଷ୍ଠ ନେତା ୮୦ ବର୍ଷ ବୟସ୍କ ଅବଦୁଲ୍ ରହିମ ରାଠେର ସବୁଠାରୁ ବୟସ୍କ ସଦସ୍ୟ ଭାବେ ଶପଥ ନେବେ । ରାଠେର ଏବଂ ତାଙ୍କ ଦଳର ଅଲୀ ମହମ୍ମଦ ସଗର୍ ସପ୍ତମଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । ପ୍ରଥମଥର ପାଇଁ ୧୯୮୩ ମସିହାରେ ସଗର୍ ଏବଂ ୧୯୭୭ ମସିହାରେ  ରାଠେର ବିଧାନସଭାକୁ ନିର୍ବାଚିତ ହୋଇଥିଲେ ।

# ପି.ଏମ୍. - ବାରାଣସୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ବାରଣାସୀଠାରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଶିଳାନ୍ୟାସ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ପାଇଁ  ୬ ହଜାର ୭୦୦ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଛି । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ମଧ୍ୟପ୍ରଦେଶର ରେୱା ବିମାନ ବନ୍ଦର, ଛତିଶଗଡ଼ର ଅମ୍ବିକାପୁର ବିମାନ ବନ୍ଦର ଏବଂ ଉତ୍ତରପ୍ରଦେଶର ସହରନ୍‌ପୁର ବିମାନବନ୍ଦରର ଉଡ଼ାନ ଯୋଜନା ଅଧୀନରେ ଉଦ୍‌ଘାଟନ ଅନ୍ତର୍ଭୁକ୍ତ ।

ସମାରୋହକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଶିକ୍ଷା, ଦକ୍ଷତା ବିକାଶ, କ୍ରୀଡ଼ା, ସ୍ୱାସ୍ଥ୍ୟସେବା ଏବଂ ପର୍ଯ୍ୟଟନ କ୍ଷେତ୍ର ସମେତ ଅନ୍ୟାନ୍ୟ କ୍ଷେତ୍ରଗୁଡ଼ିକରେ

ସରକାରଙ୍କ ପକ୍ଷରୁ କାର୍ଯ୍ୟକାରି ହୋଇଥିବା କଲ୍ୟାଣକାରୀ ଯୋଜନାଗୁଡ଼ିକ ଉପରେ ଆଲୋକପାତ କରିଥିଲେ । ଏହିସବୁ କ୍ଷେତ୍ରରେ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ସେ କହିଛନ୍ତି ।

ଦେଶରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗତ ୧୦ ବର୍ଷ ମଧ୍ୟରେ ଅଭୂତପୂର୍ବ ପରିବର୍ତ୍ତନ ଘଟିଛି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାଶୀର ଲୋକପ୍ରିୟତାକୁ ଦର୍ଶାଇ ଶ୍ରୀ ମୋଦି କହିଛନ୍ତି, ଏହା କେବଳ ପୂର୍ବାଞ୍ଚଳରେ ନୁହେଁ; ବରଂ ସାରା ଦେଶପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ।  ନିଜ ସଂସଦୀୟ କ୍ଷେତ୍ର ବାରାଣସୀରେ ଆର୍.ଜେ. ଶଙ୍କର ଚକ୍ଷୁ ଚିକିତ୍ସାଳୟ ଉଦ୍‌ଘାଟନ କରିବା ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍ତି, ଦେଶର ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆସନ୍ତା ୫ ବର୍ଷରେ ମେଡିକାଲ୍ ଆସନ ସଂଖ୍ୟା ଆଉ ୭୫ ହଜାର ବୃଦ୍ଧି ପାଇବ ।

ପ୍ରଧାନମନ୍ତ୍ରୀ କହିଛନ୍ତି ଗତ ୧୦ ବର୍ଷରେ ପୂର୍ବାଞ୍ଚଳରେ ୫ ହଜାର ୫ ଶହଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସ୍ଥାପନ କରାଯାଇଛି । ଏହାବ୍ୟତୀତ ଔଷଧଗୁଡ଼ିକୁ ଶସ୍ତା କରାଯିବା ଫଳରେ ଏହା ଉପରେ ହେଉଥିବା ଖର୍ଚ୍ଚ ପରିମାଣ ୨୫ ପ୍ରତିଶତ ହ୍ରାସ ପାଇଛି ।  ମହିଳା ଏବଂ ଯୁବବର୍ଗ ସଶକ୍ତ ହୋଇପାରିଲେ ଦେଶର ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ମୁଦ୍ରା ଯୋଜନା ଅଧୀନରେ ଦେଶର ମହିଳା ସଶକ୍ତିକରଣ ଅଧିକ ସୁଦୃଢ଼ ହେବା ସହ ସେମାନେ ଅଧିକ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଯୋଗ ଦେଇଥିଲେ ।

## ଝାଡ଼ଖଣ୍ଡ-ଇଣ୍ଡି ବ୍ଲକ ଡିସ୍‌ପୁଟ୍

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ଇଣ୍ଡି ମେଣ୍ଟ ମଧ୍ୟରେ ଆସନ ବୁଝାମଣା ନେଇ ଅସନ୍ତୋଷ ବୃଦ୍ଧି ପାଇଥିବା ଜଣାପଡ଼ିଛି । ରାଷ୍ଟ୍ରୀୟ ଜନତା ଦଳ ପରେ ସିପିଆଇଏମ୍ଏଲ୍ ମଧ୍ୟ ଆସନ ବୁଝାମଣା ନେଇ ଅସନ୍ତୋଷ ପ୍ରକାଶ କରିଛି । ଏହି ଦୁଇ ଦଳ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାକୁ ତାଙ୍କର ଦାବି ପୂରଣ ନେଇ ଆଜି ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ସମୟ ପ୍ରଦାନ କରିଛନ୍ତି । ଆର୍‌ଜେଡିର ବରିଷ୍ଠ ନେତା ମନୋଜ କୁମାର ଝା କହିଛନ୍ତି ୧୮ରୁ ୨୦ଟି ବିଧାନସଭା ମଣ୍ଡଳୀରେ ତାଙ୍କ ଦଳ ଏକାକୀ ନିର୍ବାଚନ ଜିତିବାକୁ ସକ୍ଷମ । ଏହି ପ୍ରସଙ୍ଗକୁ ଆସନ ବୁଝାମଣାବେଳେ ବିଚାରକୁ ନିଆଯାଇ ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି ।

ସୂଚନାଯୋଗ୍ୟ ଇଣ୍ଡି ମେଣ୍ଟର ଆସନ ବୁଝାମଣା ଅନୁଯାୟୀ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ଏବଂ କଂଗ୍ରେସ ୭୦ଟି ଆସନରୁ ଓ ଆର୍‌ଜେଡି ଏବଂ ସିପିଆଇଏମଏଲ୍ ୧୧ଟି ଆସନରୁ ପ୍ରତିଦ୍ୱନ୍ଦିତା କରିବେ ।

ଅନ୍ୟପକ୍ଷରେ ଏନଡିଏ ମେଣ୍ଟର ସହଯୋଗୀ ଦଳ ଏଜେଏସ୍‌ୟୁ ତା'ର ପ୍ରଥମ ପର୍ଯ୍ୟାୟରେ ୮ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ଦଳର ମୁଖ୍ୟ ସୁଦେଶ କୁମାର ମାହତୋ ସିଲି ନିର୍ବାଚନ ମଣ୍ଡଳୀରୁ ଏବଂ ଲମ୍ବୋଦର ମାହତୋ ଗୋମିଆଁ ଆସନରୁ ନିର୍ବାଚନ ଲଢ଼ିବେ ।

୮୧ ସଦସ୍ୟ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭା ପାଇଁ ୨ଟି ପର୍ଯ୍ୟାୟରେ ଆସନ୍ତା ନଭେମ୍ବର ମାସ ୧୩ ଏବଂ ୨୦ ତାରିଖରେ ମତ ଗ୍ରହଣ କରାଯିବ । ୨୩ ତାରିଖରେ ଭୋଟ୍ ଗଣତି ସହ ଫଳାଫଳ ଘୋଷଣା ହେବ ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଡିଜିଟାଲ ଜୀବନ ପ୍ରମାଣପତ୍ର** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ପେନସନ ଏବଂ ଅବସରପ୍ରାପ୍ତି କର୍ମଚାରୀ କଲ୍ୟାଣ

ବିଭାଗର ଯୁଗ୍ମ ସଚିବ ଧ୍ରୁବଜ୍ୟୋତି ସେନଗୁପ୍ତ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରି ରାତି ସାଢ଼େ ୯ଟା ପରେ ପ୍ରଶ୍ନ ପଚାରି ପାରିବେ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

## ଓଡ଼ିଶା-ସାଇକ୍ଲୋନ୍

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଏହାର ନିକଟବର୍ତ୍ତୀ ଉତ୍ତର ଆଣ୍ଡାମାନ ସମୁଦ୍ର ଉପକୂଳରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି । ଏହା କ୍ରମଶଃ ପଶ୍ଚିମ, ଉତ୍ତର-ପଶ୍ଚିମ ଦିଗକୁ ଗତିକରି ଆସନ୍ତାକାଲି ସକାଳ ସୁଦ୍ଧା ଅବପାତରେ ପରିଣତ ହେବ । ବୁଧବାର ସୁଦ୍ଧା ଏହା ସାମୁଦ୍ରିକ ଝଡ଼ରେ ପରିବର୍ତ୍ତିତ ହେବାର ସମ୍ଭାବନା ରହିଛି । ଏହା କ୍ରମଶଃ ଉତ୍ତର-ପଶ୍ଚିମ ଦିଗକୁ ଗତିକରି ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳ ଅଞ୍ଚଳ ଗୁରୁବାର ସକାଳ ସୁଦ୍ଧା ସ୍ପର୍ଶ କରିପାରେ । ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି । ତାମିଲନାଡୁ, ପୁଡୁଚେରୀ, କରାଇକାଲ୍, କେରଳ, କର୍ଣ୍ଣାଟକର ଦକ୍ଷିଣ ଆଭ୍ୟନ୍ତରୀଣ ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ । ଆସନ୍ତାକାଲି କର୍ଣ୍ଣାଟକ ଏବଂ ମଧ୍ୟପ୍ରଦେଶର

କେତେକ ଅଞ୍ଚଳରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି । ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି  ସାମୁଦ୍ରିକ ଝଡ଼ ଉପକୂଳ ସ୍ପର୍ଶ ସମୟରେ ପବର ବେଗ ୧୦୦ରୁ ୧୨୦ କିଲୋମିଟର ପର୍ଯ୍ୟନ୍ତ ହୋଇପାରେ ।

ଅନ୍ୟପକ୍ଷରେ  ସାମୁଦ୍ରିକ ଝଡ଼ **ଦାନା** କୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ପକ୍ଷରୁ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି । ଉପକୂଳ ଅଞ୍ଚଳର ଲୋକଙ୍କୁ ସୁରକ୍ଷା ପ୍ରଦାନ ସହ ଆନୁସଙ୍ଗିକ ସୁବିଧା ସୁଯୋଗ ପ୍ରଦାନ କରିବା ପାଇଁ  ନିର୍ଦ୍ଦେଶ ଦିଆଯାଇଛି । ଭୁବନେଶ୍ୱରଠାରେ ସରକାରୀ ଏବଂ ବେସରକାରୀ ସଂସ୍ଥାଗୁଡ଼ିକୁ ନେଇ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି ।

ଆମ ଭୁବନେଶ୍ୱର ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ସମ୍ଭାବ୍ୟ ପରିସ୍ଥିତି ନେଇ ସଜାଗ ରଖାଯାଇଛି । ଓଡ଼ିଶା ଉପକୂଳରେ ଅକ୍ଟୋବର ମାସରେ ହିଁ ଝଡ଼ର  ଆଶଙ୍କା ରହିଥାଏ । ୧୯୯୯ ମସିହାଠାରୁ ଓଡ଼ିଶା  ୯ଟି ଝଡ଼ର ସମ୍ମୁଖୀନ ହୋଇସାରିଛି । ସେଥିମଧ୍ୟରେ ୨୦୧୩ରେ ଫାଇଲିନ୍ ଏବଂ ୨୦୧୯ରେ ଫନି ରହିଛି ।

## ୱିମେନ୍ କ୍ରିକେଟ୍

ନ୍ୟୁଜିଲ୍ୟାଣ୍ଡ ଆଇସିସି ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଟାଇଟଲ ବିଜୟୀ ହୋଇଛି ।  ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମରେ ଗତକାଲି ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ନ୍ୟୁଜିଲ୍ୟାଣ୍ଡ' ଦକ୍ଷିଣ ଆଫ୍ରିକାକୁ ୩୨ ରନ୍‌ରେ ପରାସ୍ତ କରିଛି ।  ଦକ୍ଷିଣ ଆଫ୍ରିକା ଟସ୍ ଜିତି ନ୍ୟୁଜିଲ୍ୟାଣ୍ଡକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭର୍‌ରେ ନ୍ୟୁଜିଲ୍ୟାଣ୍ଡ ୫

ୱିକେଟ୍ ବିନିମୟରେ ୧୫୮ ରନ୍ ସଂଗ୍ରହ କରିଥିଲା। ୧୫୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ୯ ୱିକେଟ୍‌ରେ ୨୬ ରନ୍ କରିବାକୁ ସକ୍ଷମ ହୋଇଥିଲା । ନ୍ୟୁଜିଲ୍ୟାଣ୍ଡର ଆମେଲିୟା କେର୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ପ୍ଲେୟାର ଅଫ୍ ଦି ସିରିଜ୍ ବିବେଚିତ ହୋଇଛନ୍ତି । ଏଥରକୁ ମିଶାଇ ନ୍ୟୁଜିଲ୍ୟାଣ୍ଡ ତୃତୀୟ ଥର ଲାଗି ଫାଇନାଲ୍‌କୁ ଉନ୍ନୀତ ହୋଇଥିଲେ ମଧ୍ୟ ପ୍ରଥମଥର ପାଇଁ ଟାଇଟଲ୍ ବିଜୟୀ ହୋଇଛି ।